# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 23 November - 2024

### News Editor : *Itishree Singh Rathaur*

*****************************************

## ମୁଖ୍ୟ ସମ୍ବାଦ

- ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ମହାଯୁତି ମେଣ୍ଟ ୨୨୭ଟି ଆସନରେ ବିଜୟୀ ।

\- ଝାଡ଼ଖଣ୍ଡରେ ଜେଏମ୍ଏମ୍ ନେତୃତ୍ୱାଧୀନ ଇଣ୍ଡିମେଣ୍ଟକୁ ୫୭ଟି ଆସନ ।

- ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆସନ୍ତାକାଲି ଦେଶବାସୀଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ ।

- ରାଜ୍ୟ କ୍ୟାବିନେଟ୍ ବୈଠକରେ ୨ଟି ପ୍ରସ୍ତାବକୁ ମଞ୍ଜୁରୀ ।

\- ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାକୁ ସରଳ କରିବା ଲକ୍ଷ୍ୟରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ ସଂଶୋଧନକୁ ଅନୁମୋଦନ ।

ଏବଂ

- ଇତିହାସ ପୃଷ୍ଠାରେ ଅନାଲୋଚିତ ବରପୁତ୍ର ମାନଙ୍କର କୃତୀକୁ ଲୋକଲୋଚନକୁ ଅଣାଯିବ; କହିଲେ ମୁଖ୍ୟମନ୍ତ୍ରୀ ।

## ନିର୍ବାଚନ ଫଳାଫଳ

ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ମହାୟୁତି ମେଣ୍ଟ ୨୮୮ଟି ଆସନ ମଧ୍ୟରୁ ୨୨୭ଟି ଆସନରେ ବିଜୟଲାଭ କରିଛି । ଭାରତୀୟ ଜନତା ପାର୍ଟି ଏକାକି ୧୩୩ଟି ଆସନରେ ବିଜୟୀ ବା ଆଗୁଆ ରହିଛି । ସେହିଭଳି ଶିବସେନା ୫୪ଟିରେ ଏବଂ ଏନ୍.ସି.ପି. ୪୧ଟି ଆସନରେ ବିଜୟୀ ହୋଇଛି ।

ଅନ୍ୟପକ୍ଷରେ ଝାଡ଼ଖଣ୍ଡରେ ଜେ.ଏମ୍.ଏମ୍. ଇଣ୍ଡି ମେଣ୍ଟ ବିଜୟ ଆଡ଼କୁ ଅଗ୍ରସର ହେଉଛି । ଝାଡ଼ଖଣ୍ଡର ମୋଟ୍ ୮୧ଟି ଆସନ ମଧ୍ୟରୁ ଜେ.ଏମ୍.ଏମ୍. ୩୪ଟିରେ ଏବଂ କଂଗ୍ରେସ ୧୬ଟି ଆସନରେ ବିଜୟ ଲାଭ କରିଛନ୍ତି । ଆର୍.ଜେ.ଡି. ମଧ୍ୟ ୪ଟି ଆସନରେ ବିଜୟୀ ହୋଇଛି । ଅନ୍ୟ ପକ୍ଷରେ ବିଜେପି ୨୧ଟି ଆସନରେ ଜିତିଥିବା ବେଳେ ଏ.ଜେ.ଏସ୍.ୟୁ.କୁ ଗୋଟିଏ ଆସନ ମିଳିଛି ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମର ୧୧୬ତମ ସଂସ୍କରଣ ହେବ। ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏୟାର୍ ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ। ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍,

ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ମନ୍ କି ବାତ୍‌ର ଭାଷାନ୍ତର ପୁଣିଥରେ ଆସନ୍ତାକାଲି ରାତି ୮ଟାରେ ପ୍ରସାରଣ କରାଯିବ।

## ମୁଖ୍ୟମନ୍ତ୍ରୀ-କ୍ୟାବିନେଟ୍ ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଦୁଇଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଏଥିରେ ରାଜ୍ୟରେ ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ ୧୯୮୯ରେ ସଂଶୋଧନକୁ ମଞ୍ଜୁରୀ ମିଳିଛି । ଏହି ଆଇନ୍‌ରେ ସଂଶୋଧନ ହେବା ଫଳରେ ସରକାର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାକୁ ସରଳ କରିବାକୁ ଲକ୍ଷ୍ୟ ରଖିଛନ୍ତି । ନିଯୁକ୍ତି ପାଇଁ ଅଧିକ ସ୍ୱଚ୍ଛ ଏବଂ ସମୟସୀମା ବଦ୍ଧ ପ୍ରଣାଳୀ ସୃଷ୍ଟି କରାଯିବ । ଏଥିରେ ଜାତୀୟ ଶିକ୍ଷାନୀତି ୨୦୨୦ର ପରିବର୍ତ୍ତନଶୀଳ ଦିଗଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି । ଅଧିକ ସ୍ୱାୟତ୍ତତା ସହ ବିଶ୍ୱବିଦ୍ୟାଳୟଗୁଡ଼ିକୁ ସଶକ୍ତ କରିବା, ଅଧ୍ୟାପକ ନିଯୁକ୍ତି ଓ କୁଳପତି ଚୟନ ପ୍ରକ୍ରିୟାରେ ଏକାଡେମିକ ବିଶେଷଜ୍ଞମାନଙ୍କୁ ଜଡିତ କରିବା ତଥା ସିନେଟ୍, ଅର୍ଥକମିଟି, କୋଠାନିର୍ମାଣ କମିଟି ଆଦି ଗଠନ କରାଯିବ ।

କ୍ୟାବିନେଟ୍‌ରେ ଶିଳ୍ପନୀତି ୨୦୧୫ରେ ଦୁଇଟି ସଂଶୋଧନକୁ ମଧ୍ୟ ଅନୁମୋଦନ ମିଳିଛି । ଏହି ନୀତି ଅଧୀନରେ ସମସ୍ତ ପ୍ରକାରର ପ୍ରୋତ୍ସାହନ ଓ ପ୍ରମାଣପତ୍ର ପାଇଁ ଆବେଦନ ଦାଖଲ ସୀମାକୁ ଏକବର୍ଷରୁ ଦୁଇବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ସେହିଭଳି ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି ୨୦୧୬ରେ ସଂଶୋଧନ କରାଯାଇଛି ।

## ସୁଭଦ୍ରା ଯୋଜନା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆସନ୍ତାକାଲି ସୁନ୍ଦରଗଡ଼ରେ ସୁଭଦ୍ରା ଯୋଜନାର ପ୍ରଥମ ପର୍ଯ୍ୟାୟର ତୃତୀୟ କିସ୍ତି ପ୍ରଦାନ କରିବେ। ଏ ସମ୍ପର୍କରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ସୁଭଦ୍ରା ଯୋଜନାରୁ ବାଦ୍‌ପଡ଼ିଥିବା ୨୨ ପ୍ରତିଶତ ହିତାଧିକାରୀଙ୍କୁ ଆସନ୍ତାକାଲି ସୁଭଦ୍ରା ଟଙ୍କା ଦିଆଯିବ। ଯୋଜନାରୁ ବାଦ୍‌ପଡ଼ିଥିବା ୨ ଲକ୍ଷ ୬୭ ହଜାର ହିତାଧିକାରୀଙ୍କ ଆବେଦନକୁ ପୁନଃ ଯାଞ୍ଚ କରାଯାଇ ଯୋଜନାର ଅର୍ଥରାଶି ଦେବାପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି।

# ପିଏମ୍-କୁଇଜ୍

'ଭାରତକୁ ଜାଣନ୍ତୁ' କୁଇଜ୍ ପ୍ରତିଯୋଗିତାରେ ଭାଗନେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରବାସୀ ଭାରତୀୟ ଏବଂ ଅନ୍ୟ ଦେଶର ନାଗରିକଙ୍କୁ ଆହ୍ୱାନ ଦେଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି ଏହି କୁଇଜ୍ ପ୍ରତିଯୋଗିତା ବିଶ୍ୱବ୍ୟାପୀ ଭାରତୀୟଙ୍କ ମଧ୍ୟରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିବ । ଦେଶର ସମୃଦ୍ଧ ଐତିହ୍ୟ ଏବଂ ସଂସ୍କୃତିକୁ

ପୁନଃ ଆବିଷ୍କାର କରିବାର ଏହା ଏକ ଉତ୍କୃଷ୍ଟ ମାଧ୍ୟମ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ପ୍ରତିଯୋଗିତାର ବିଜେତା ଭାରତର ବୈଭବ ନେଇ ଶ୍ରେଷ୍ଠ ଅନୁଭୂତି ହାସଲ କରିବାର ସୁଯୋଗ ପାଇବେ ବୋଲି ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି ।

## ଡକ୍ଟର ମହତାବ ଜୟନ୍ତୀ

ଇତିହାସ ପୃଷ୍ଠାରେ ଅନାଲୋଚିତ ଥିବା ବରପୁତ୍ରମାନଙ୍କର କୃତୀକୁ ଲୋକଲୋଚନକୁ ଆଣିବା ପାଇଁ ରାଜ୍ୟ ସରକାର ପ୍ରୟାସ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଛନ୍ତି । ଭୁବନେଶ୍ୱରସ୍ଥିତ ରବିନ୍ଦ୍ରମଣ୍ଡପ ଠାରେ ଅନୁଷ୍ଠିତ ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ସ୍ମରଣ ଉତ୍ସବର ତୃତୀୟ ଦିନରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଉରକେଲା ଷ୍ଟିଲ ପ୍ଲାଣ୍ଟ, ହୀରାକୁଦ ନଦୀବନ୍ଧ, ନନ୍ଦନକାନନ ଏବଂ ଆକାଶବାଣୀ କଟକ ଭଳି ଅନେକ ଅନୁଷ୍ଠାନ ସ୍ଥାପନ କରିବାରେ ଡକ୍ଟର ମହତାବଙ୍କର ଅବଦାନ ରହିଛି । ସେ ଆଧୁନିକ ଓଡ଼ିଶା ନିର୍ମାଣର ବିଶ୍ୱକର୍ମା ଥିଲେ । ଡକ୍ଟର ମହତାବ ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ନେଇ ଜନମାନସରେ ଏକ ନୂତନ କ୍ରାନ୍ତି ଆଣିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଅକ୍ଷୟଶକ୍ତି ରାଉଣ୍ଡ ଟେବୁଲ ବୈଠକ

ରାଜ୍ୟର ଅକ୍ଷୟଶକ୍ତି ନୀତିକୁ ସମୀକ୍ଷା କରି ଏହାକୁ ଆହୁରି ସୁଦୃଢ଼ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ

ବର୍ଦ୍ଧନ ସିଂହଦେଓ କହିଛନ୍ତି । ନୂଆଦିଲ୍ଲୀରେ ଅନୁଷ୍ଠିତ ଅକ୍ଷୟଶକ୍ତି ରାଉଣ୍ଡ ଟେବୁଲ ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ କହିଛନ୍ତି ନୂତନ ଅକ୍ଷୟଶକ୍ତି ନୀତିରେ ପୁଞ୍ଜିନିବେଶ ଅନୁକୂଳ ଓ ଗ୍ରାହକଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦିଆଯିବ। ଏହି ଅବସରରେ ଶ୍ରୀ ସିଂହଦେଓ ଓଡ଼ିଶାରେ ଅକ୍ଷୟଶକ୍ତି କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ନିବେଶକଙ୍କୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଦେଶରେ ୨୦୩୦ ମସିହା ସୁଦ୍ଧା ୫୦୦ ଗିଗାୱାଟ ଅକ୍ଷୟଶକ୍ତି ଉତ୍ପାଦନ ଲକ୍ଷ୍ୟକୁ ପୂରଣ କରିବାକୁ ହେଲେ ଓଡ଼ିଶାରେ ୧୪୦ ଗିଗାୱାଟର ସୌର ଓ ଗ୍ରୀନ୍ ହାଇଡ୍ରୋଜେନରୁ ପ୍ରସ୍ତୁତ ଅକ୍ଷୟଶକ୍ତି ଉତ୍ପାଦନ କରିବାକୁ ହେବ । ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଡି କାର୍ବନାଇଜେସନ ଓ ଜଳବାୟୁ ଅନୁକୂଳ ଲକ୍ଷ୍ୟ ହାସଲରେ ଓଡ଼ିଶାର ଭୂମିକା ଉପରେ ଆଲୋକପାତ କରିଥିଲେ । ଏହି ସମ୍ମିଳନୀରେ ସୌରବିଦ୍ୟୁତ୍, ପବନଶକ୍ତି, ଗ୍ରୀନ୍ ହାଇଡ୍ରୋଜେନ, ଗ୍ରୀନ୍ ଏମୋନିଆ ଏବଂ ବର୍ଜ୍ୟବସ୍ତୁରୁ ଶକ୍ତି ଉତ୍ପାଦନ କରୁଥିବା ୨୩ଟି କମ୍ପାନୀର ୩୪ଜଣ ଅଂଶଗ୍ରହଣକାରୀ ଉପସ୍ଥିତ ଥିଲେ ।

## ପ୍ରଥମାଷ୍ଟମୀ ପାଳନ

ମାର୍ଗଶୀର ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଆଜି ଘରର ଜ୍ୟେଷ୍ଠ ସନ୍ତାନର ଶୁଭ ମନାସି ରାଜ୍ୟର ବିଭିନ୍ନ ପ୍ରାନ୍ତରେ ପ୍ରଥମାଷ୍ଟମୀ ପାଳନ କରାଯାଉଛି। ଏହାକୁ ମଧ୍ୟ ସୌଭାଗିନୀ ଅଷ୍ଟମୀ, କାଳଭୈରବାଷ୍ଟମୀ ବା ପାପନାଶିନୀ ଅଷ୍ଟମୀ କୁହାଯାଇଥାଏ। ପରମ୍ପରା ଅନୁଯାୟୀ ଆଜିର

ଦିନରେ ପରିବାରର ଜ୍ୟେଷ୍ଠ ସନ୍ତାନର ସୁଖସମୃଦ୍ଧି ଓ ଦୀର୍ଘ ଜୀବନ କାମନା କରି ପୂଜାବିଧି ଅନୁଷ୍ଠିତ ହୋଇଥାଏ।

ପ୍ରଥମାଷ୍ଟମୀ ଉପଲକ୍ଷେ ଆଜି ପୁରୀ ଶ୍ରୀମନ୍ଦିରରେ ଭୋଗମଣ୍ଡପ ନୀତି ସରିବା ପରେ ତିନିବାଡରେ ମଇଲମ କରାଯାଇ ପୂଜାପଣ୍ଡା ସେବକମାନଙ୍କ ଦ୍ୱାରା ମହାସ୍ନାନ ନୀତି କରାଯାଇଛି। ଏହାପରେ ପାଳିଆ ପୁଷ୍ପାଳକ' ଶ୍ରୀବିଗ୍ରହମାନଙ୍କୁ ନୂଆ ଲୁଗା ଲାଗିକରାଇଥିବା ବେଳେ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ସେବକ' ଘଟୁଆରୀ ଚନ୍ଦନ ଘରଠାରୁ ଚନ୍ଦନବିଜେ କରି ତିନିବାଡରେ ଲାଗି କରିଛନ୍ତି। ଅପରାହ୍ଣରେ ଶ୍ରୀବିଗ୍ରହମାନଙ୍କୁ ବେଶ ଓ ଅଳଙ୍କାରରେ ବିମଣ୍ଡିତ ହୋଇ କର୍ପୂରଲାଗି କରାଯାଇଥିଲା। ମଧ୍ୟାହ୍ନ ଧୂପ ଉଠିସାରିବା ପରେ ତିନିବାଡ଼ରେ ମଙ୍ଗଳା ଅର୍ପଣ ନୀତି ହେବାସହ ଫୁଲୁପୁରିଆ ଖାଦି ଓ ଛେଦା ପ୍ରସାଦ ଲାଗି ହୋଇଛି।

ସେହିଭଳି କେନ୍ଦ୍ରାପଡ଼ା ଶ୍ରୀବଳଦେବଜୀଉ ମନ୍ଦିରରେ ପ୍ରଭୁଙ୍କୁ ଏଣ୍ଡୁରି ପିଠା ଖିରି ଭୋଗ ଲାଗୁ କରାଯାଇଛି । ଶ୍ରୀ ବଳଦେବଜୀଉଙ୍କୁ ନୂତନ ପାଟବସ୍ତ୍ରରେ ସେବାୟତମାନେ ରତ୍ନ ସିଂହାସନରେ ବିରାଜମାନ କରିଥିଲେ । ସକାଳ ଧୂପ ଶେଷ ହେବାପରେ ବଡ ଠାକୁରଙ୍କୁ ପଡୁହାଁ କରାଯାଇଥିଲା ।

## ବାଲିଯାତ୍ରା

ଐତିହାସିକ କଟକ ବାଲିଯାତ୍ରା ଆଜି ଶେଷ ହେଉଛି । ଚଳିତବର୍ଷ ଓରମାସର ୫୦୦ଟି ଷ୍ଟଲ ସମେତ ବାଲିଯାତ୍ରାରେ ମୋଟ୍ ୨୫ଶହ ଷ୍ଟଲ ପଡିଛି । ଦର୍ଶକଙ୍କ ମନୋରଞ୍ଜନ ପାଇଁ ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ସୂଚନା ଅନୁସାରେ ବାଲିଯାତ୍ରା ଗତ ୧୫ ତାରିଖ କାର୍ତ୍ତିକ ପୂର୍ଣ୍ଣିମା ଦିନଠାରୁ ଆରମ୍ଭ ହୋଇଥିଲା । ବାଲିଯାତ୍ରା ଗତକାଲି ଶେଷ ହେବାର ଥିଲା । ଲୋକଙ୍କ ଭିଡ଼ ଓ ଆଗ୍ରହକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହାର ଅବଧିକୁ ଆଉ ଗୋଟିଏ ଦିନ ବୃଦ୍ଧି କରିଥିଲେ ।

## ଧାନକ୍ରୟ ବୈଠକ

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ଧାନକ୍ରୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ବିଭିନ୍ନ ସ୍ଥାନରେ ଆସନ୍ତା ମାସ ୧୭ ତାରିଖରୁ ଧାନମଣ୍ଡିଗୁଡ଼ିକ ଖୋଲିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ଆସନ୍ତା ୧୭ ତାରିଖରେ କଣ୍ଟାମାଳ ବ୍ଲକ, ୨୪ ତାରିଖରେ ବୌଦ୍ଧ ଓ ହରଭଙ୍ଗା ବ୍ଲକରେ ଧାନମଣ୍ଡି ଖୋଲାଯିବ । ଚଳିତବର୍ଷ ୪୩ହଜାର ୧୦୯ଜଣ ପଞ୍ଜିକୃତ ଚାଷୀଙ୍କଠାରୁ ୧୬ଲକ୍ଷ କ୍ୱିଣ୍ଟାଲ ଧାନକ୍ରୟ କରାଯିବାକୁ ଲକ୍ଷଧାର୍ଯ୍ୟ ହୋଇଛି ।

## ନାଭାଲ ବ୍ୟାଣ୍ଡ କନସର୍ଟ କାର୍ଯ୍ୟକ୍ରମ

ପୁରୀ ଟାଉନ୍‌ହଲ ପରିସରରେ ଭାରତୀୟ ନୌସେନାର ନାଭାଲ ବ୍ୟାଣ୍ଡ କନସର୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପୁରୀରେ ଆସନ୍ତା ୪ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ନୌସେନା ଦିବସ ପାଳନ ପୂର୍ବରୁ ଏହି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଆଇଏନ୍‌ଏସ୍ ଚିଲିକା ନୌସେନା କେନ୍ଦ୍ରର ବ୍ୟାଣ୍ଡ ଅଧିକାରୀ ହନୁମାନ ଆପ୍ପାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଆଇନ୍ ସଚେତନତା କାର୍ଯ୍ୟକ୍ରମ

ରାୟଗଡା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଏକ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିସରରେ ଅଧାରୁ ପାଠ ଛାଡିଥିବା ଛାତ୍ରଛାତ୍ରୀମାନଙ୍କୁ ପୁର୍ନବାର ବିଦ୍ୟାଳୟକୁ ଫେରାଇ ଆଣିବା ସମ୍ପର୍କିତ ଆଇନ୍ ଉପରେ ଏଥିରେ ଆଲୋଚନା ହୋଇଥିଲା । ଶିଶୁ ସୁରକ୍ଷା ଆଇନ୍, ସେମାନଙ୍କ ଆଇନ୍‌ଗତ ଅଧିକାର ଏବଂ ବାଲ୍ୟବିବାହ ନିରୋଧ ଆଇନ୍ ବ୍ୟବସ୍ଥା ସମ୍ପର୍କରେ ସମସ୍ତଙ୍କୁ ସଚେତନ କରାଯାଇଥିଲା । ଏଥିରେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବଙ୍କ ସମେତ ଜିଲ୍ଲା ଶିକ୍ଷା ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

## କବାଡି ପ୍ରତିଯୋଗିତା

ଗଞ୍ଜାମ ଜିଲ୍ଲା ଆସିକା ହରିହର ହାଇସ୍କୁଲର ପରିସରରେ ୭୨ତମ ତିନିଦିନିଆ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା ଆରମ୍ଭ ହୋଇଛି । ରାଜ୍ୟର ୩୦ଟି ଜିଲ୍ଲାରୁ ୨୬ଜଣ ପୁରୁଷ ଓ ମହିଳା ଖେଳାଳି ଏହି ପ୍ରତିଯୋଗିତାରେ ଭାଗ ନେଇଛନ୍ତି । ଦିବାରାତ୍ର କବାଡି ପ୍ରତିଯୋଗିତାକୁ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ ।